**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**21 January - 2025**

---

# ମନ୍ତ୍ରୀ ପରିଷଦ ବୈଠକ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କଲ୍ୟାଣମୂଳକ କାର୍ଯ୍ୟକ୍ରମ ଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତ ସଂଧ୍ୟାରେ ଅନୁଷ୍ଠିତ ମନ୍ତ୍ରୀପରିଷଦ ବୈଠକରେ ଚଳିତ ଆର୍ଥିକ ବର୍ଷର ବଜେଟ୍ ବ୍ୟୟବରାଦ ଉପରେ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ସମୀକ୍ଷା କରାଯାଇଛି। ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ବିକାଶ, ସାମାଜିକ ସୁରକ୍ଷା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ପାନୀୟଜଳ ଯୋଗାଣ ଆଦି କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଛି ।

# ଜାତୀୟ ଶିକ୍ଷାନୀତି – କର୍ମଶାଳା

ରାଜ୍ୟରେ ଜାତୀୟ ଶିକ୍ଷନୀତିର କାର୍ଯ୍ୟକାରିତାକୁ ସୁଗମ କରିବାପାଇଁ ଭୁବନେଶ୍ୱରରେ ଆଜିଠାରୁ ତିନିଦିନିଆ ଜାତୀୟ କର୍ମଶାଳା ଆରମ୍ଭ ହେଉଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବେ। ପର୍ଯ୍ୟାୟକ୍ରମେ ରାଜ୍ୟରେ ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରୀତା ଏବଂ ଶିକ୍ଷା ଗୋଷ୍ଠୀଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି କର୍ମଶାଳାରେ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯିବ।

# ଧାନ ସଂଗ୍ରହ ପ୍ରକ୍ରିୟା

ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଏପର୍ଯ୍ୟନ୍ତ ୧୭ଲକ୍ଷ ଅଣଚାଶ ହଜାର ୯୮୭ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଧାନକିଣା ପ୍ରକ୍ରିୟା ଗତ ନଭେମ୍ବର ମାସ ୨୦ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ବରଗଡ ଜିଲ୍ଲାରେ ସର୍ବାଧିକ ୧ଲକ୍ଷ ୫୫ହଜାର ୬୧୭ଜଣ ଚାଷୀ ପଞ୍ଜିକୃତ ହୋଇଥିବା ଜଣାପଡିଛି । ରାଜ୍ୟର ୩୦ଟି ଜିଲ୍ଲାର ୩ହଜାର ୯୦୩ଟି ମଣ୍ଡିରେ ଧାନକିଣା ପାଇଁ ବ୍ୟବସ୍ଥା ହୋଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି ।

# ମାଓବାଦୀ ନିହତ

ନୂଆପଡା ଜିଲ୍ଲା ଛତିଶଗଡ ସୀମାନ୍ତ କୁଲାହାରି ଘାଟରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟରେ ଦୁଇଜଣ ମହିଳା ମାଓବାଦୀ ନିହତ ହୋଇଛନ୍ତି । ନୂଆପଡା ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ଗୁଣ୍ଡଲା ରେଡ୍ଡୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଗତକାଲି ସୁରକ୍ଷାବାହିନୀ ପକ୍ଷରୁ ମିଳିତ ତଲାସୀ ଅଭିଯାନ ବେଳେ ଏହି ଗୁଳିବିନିମୟ ହୋଇଛି । ମୃତ ମାଓବାଦୀଙ୍କୁ ଚିହ୍ନଟ କରାଯିବା ସହ ସେଠାରୁ ବହୁ ଅସ୍ତ୍ରଶସ୍ତ୍ର ଏବଂ ମାଓସାମଗ୍ରୀ ଜବତ ହୋଇଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି ।

## କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ଖୋର୍ଦ୍ଧା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗତକାଲି ଉଦ୍‌ଯାପିତ ହୋଇଛି । ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ୫ଦିନିଆ ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକର ୫୦୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ । କୃଷି ଓ ଆନୁଷଙ୍ଗିକ ବିଭାଗର ବିଶେଷଜ୍ଞ, କୃଷକଙ୍କୁ ଆଧୁନିକ ଜ୍ଞାନକୌଶଳ ଆଧାରିତ ଚାଷ ଉପରେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ଟାଙ୍ଗୀ ଓ ଚିଲିକା ବ୍ଲକର ୧୨ଜଣ କୃଷକ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଛି ।

## ପୂର୍ବତଟ ରେଳପଥ-ସମୀକ୍ଷା

ମହାସମୁନ୍ଦ ଟିଟିଲାଗଡ ରେଳ ସେକ୍ସନ ଅନ୍ତର୍ଗତ ବିଭିନ୍ନ ଷ୍ଟେସନରେ ନିରାପତ୍ତା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ନେଇ ଜାରି ରହିଥିବା କାର୍ଯ୍ୟର ପୂର୍ବତଟ ରେଳପଥ ମହା ପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମୀକ୍ଷା କରିଛନ୍ତି । ଅମୃତ ଷ୍ଟେସନ ଯୋଜନା ଅଧୀନରେ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ଶ୍ରୀ ଫୁଙ୍କୱାଲ ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି ।

## ଡଲଫିନ ଗଣନା କାର୍ଯ୍ୟ ଶେଷ

ଚିଲିକାରେ ଡଲ୍‌ଫିନ ଗଣନାକାର୍ଯ୍ୟ ଶେଷ ହୋଇଛି । ଗଣନାକାର୍ଯ୍ୟରେ ୧୮ଟି ଦଳ ନିୟୋଜିତ ହୋଇଥିଲେ । ଗଣନାକାରୀ ଦଳର ରିପୋର୍ଟ ମିଳିବା ପରେ ଡଲ୍‌ଫିନ ସଂଖ୍ୟା ନେଇ ଚୂଡାନ୍ତ ସୂଚନା ମିଳିବ ବୋଲି

ବନବିଭାଗ କହିଛି । ସୂଚନାଯୋଗ୍ୟ ଗତବର୍ଷ ଡଲ୍‌ଫିନ ସଂଖ୍ୟା ୧୫୫ ରହିଥିଲା ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମାଲକାନଗିରି ପୌର ପରିଷଦ ପକ୍ଷରୁ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଏହି ଶିବିରରେ ୩୪୨ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିଲେ ।

## ଜନଶୁଣାଣି

ଖୋର୍ଦ୍ଧା ଜିଲ୍ଲା ବ୍ରଜମୋହନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଗତକାଲି ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୨୮ଟି ଆପତ୍ତି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା । ସେଥିରୁ ୧୧୨ଟି ବ୍ୟକ୍ତିଗତ ଏବଂ ୧୩ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଉପରେ ଆଧାରିତ ଥିଲା । ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

## ମହାଜାଗତିକ ଦୃଶ୍ୟ

ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସୌରଜଗତର ୬ଟି ଗ୍ରହଙ୍କୁ ନେଇ ବିରଳ ମହାଜାଗତିକ ଦୃଶ୍ୟ ଦେଖିବାପାଇଁ ପର୍ଯ୍ୟଟକଙ୍କ ଲାଗି ବ୍ୟବସ୍ଥା କରାଯାଇଛି । ସର୍ବସାଧାରଣ ଆଜିଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସୋମବାର ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା

ପର୍ଯ୍ୟନ୍ତ ଏହି ବିରଳ ଦୃଶ୍ୟ ଦେଖିପାରିବେ । ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପଚୁନ ଏବଂ ୟୁରାନସ ଗ୍ରହଗୁଡ଼ିକ ଏକ ସରଳରେଖାରେ ରହିବା ନେଇ ମହାଜାଗତିକ ଦୃଶ୍ୟ ଦେଖିବାର ସୁଯୋଗ ମିଳିବ ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗରେ ଗତକାଲିର ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ' ସ୍ରାଚିରାହ ବେଙ୍ଗଲ ଟାଇଗର୍ସଙ୍କୁ ୨-୧ ଗୋଲରେ ପରାସ୍ତ କରିଛି ।

ଅନ୍ୟପକ୍ଷରେ ମହିଳା ବର୍ଗରେ ସୁର୍‌ମା ହକି କ୍ଲବ' ଦିଲ୍ଲୀ ଏସ୍‌ଜି ପାଇପର୍ସ ବିପକ୍ଷରେ ବିଜୟୀ ହୋଇଛି । ରାଞ୍ଚିର ଜୟପାଲସିଂହ ମୁଣ୍ଡା ହକି ଷ୍ଟାଡିୟମଠାରେ ଗତ ସଂଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ' ଦିଲ୍ଲୀ ଏସ୍‌ଜି ପାଇପର୍ସଙ୍କୁ ୫-୧ ଗୋଲରେ ପରାସ୍ତ କରିଛି ।

ମହିଳା ବର୍ଗରେ ସଂଧ୍ୟା ୬ଟାରେ ଆଜି ସୁର୍‌ମା ହକି କ୍ଲବ ଏବଂ ଓଡ଼ିଶା ୱାରିୟର୍ସ ଓ ପୁରୁଷ ବର୍ଗରେ ୟୁପି ରୁଦ୍ରାସ୍ ଓ ଟିମ୍ ଗୋନାସିକା ମଧ୍ୟରେ ରାତି ୮ଟା ୧୫ରେ ମ୍ୟାଚ୍ ଅନୁଷ୍ଠିତ ହେବ ।